ଜାତୀୟ ଦଳର ଜୟ

ବଡ଼ଲାଟ ସଭାରେ ଭାରତ ସରକାର କାର୍ଯ୍ୟକାରୀ ସଭ୍ୟ ମେମ୍ବରମାନଙ୍କ ଗସ୍ତ ଖର୍ଚ୍ଚ ବିଷୟରେ ସରକାର ବଜେଟ୍‌ରେ ଟଙ୍କା ମାଗିଲେ ସେ ବିଷୟରେ ଭୋଟ ଦେବାର ଅଧିକାର ଲୋକ ପ୍ରତିନିଧିମାନଙ୍କର ଅଛି । ଭାରତରେ ସ୍ୱାୟତ୍ତଶାସନ ଜାରି ନ ହେବାରୁ ସଂସ୍କାରର ଘୋର ନିନ୍ଦାବାଦ କରି ପ୍ରତିବାଦ ସ୍ୱରୂପ ଗସ୍ତ ଖର୍ଚ୍ଚ ସବୁ ନା ମଞ୍ଜୁର ହେଉ ଏବଂ ଏଥିପାଇଁ ଏକଟଙ୍କା ମାତ୍ର ମଞ୍ଜୁର କରାଯାଉ ବୋଲି ପଣ୍ଡିତ ମୋତିଲାଲ ନେହେରୁ ପ୍ରସ୍ତାବ କଲେ । ଏ ସମ୍ପର୍କରେ ପଣ୍ଡିତ ମୋତିଲାଲ ନେହେରୁ ସରକାରଙ୍କୁ ପଚାରିଥିଲେ—କି ସର୍ତ୍ତ ଏବଂ କି ପ୍ରଣାଳୀରେ ସ୍ୱାୟତ୍ତ ଶାସନ ହେବ, ସେ କଥାପଦା ହେଉ ଭାରତରେ ପୂର୍ଣ୍ଣ ସ୍ୱାୟତ୍ତଶାସନ ଜାରିକରିବାକୁ ତୁମେ ପ୍ରସ୍ତୁତ ଅଛ କି ନାହିଁ ସେ ବିଷୟରେ ଯବାବ ଦିଅ ।

ସରକାର ପକ୍ଷରୁ କେରର ସାହେବ ଉତ୍ତର ଦେଲେ-୧୯୧୭ ସାଲରେ ପାର୍ଲିଅମେଣ୍ଟ ସ୍ୱାୟତ୍ତ ଶାସନ ବିଷୟରେ ଯେ ଘୋଷଣା କରିଛନ୍ତି ସେହି ଅନୁସାରେ କାର୍ଯ୍ୟ କରାଯିବ । ତେଣୁ ସାଇମନ କମିଶନ ରିପୋର୍ଟ ପର୍ଯ୍ୟନ୍ତ ଆପଣମାନଙ୍କୁ ଅପେକ୍ଷା କରିବାକୁ ହେବ ।

ପଣ୍ଡିତ ମୋତିଲାଲ—ଆମ୍ଭମାନଙ୍କର ସାଇମନ କମିଶନ ରିପୋର୍ଟ ସଙ୍ଗେ କୌଣସି ସମ୍ବନ୍ଧ ନାହିଁ ସେ ରିପୋର୍ଟ ବ୍ୟବସ୍ଥା ସଙ୍ଗେ ଆମ୍ଭମାନଙ୍କର କୌଣସି ସହଯୋଗିତା ମଧ୍ୟ ରହିବ ନାହିଁ ।

ଏହା ପରେ ଭୋଟ ନିଆଯିବାରେ ସରକାର ପରାସ୍ତ ହେଲେ । ପଣ୍ଡିତ ମୋତିଲାଲଙ୍କ ନିର୍ଦ୍ଧାରଣ ବେ-ସରକାରୀ ଜୟଧ୍ୱନି ଭିତରେ ଗୃହୀତ ହେଲା ।

ସୈନିକ ବିଭାଗ ଖର୍ଚ୍ଚ ବନ୍ଦ

ବଡ଼ଲାଟ ସଭାରେ ସୈନିକ ବିଭାଗର ଖର୍ଚ୍ଚ ପାଇଁ ଯେଉଁ ବଜେଟ ହୋଇଥିଲା, ବେସରକାରୀ ମେମ୍ବର ଏକମେଳ ହୋଇ ତାହା ନା ମଞ୍ଜୁର କରିଛନ୍ତି । ସୈନିକ ବିଭାଗରେ ଭାରତୀୟମାନଙ୍କୁ ଅଧିକ ସଂଖ୍ୟାରେ ନେବା ପାଇଁ ଏବଂ ଭାରତର ଲୋକଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷା ଦେବାପାଇଁ ସ୍କିନ କମିଟି ଯେ ରିପୋର୍ଟ ଦେଇଥିଲେ ସରକାର ତାହା କାର୍ଯ୍ୟରେ ପରିଣତ ନ କରିବାରୁ ତାର ପ୍ରତିବାଦ ସ୍ୱରୂପ ମିଷ୍ଟର ଜିନାଙ୍କ ପ୍ରସ୍ତାବ ମତେ ସୈନିକ ବିଭାଗରେ ଖର୍ଚ୍ଚ ଏକାବେଳକେ ନାମଞ୍ଜୁର କରିଛନ୍ତି ।

ଲୁଣ ଟେକ୍ସପାଇଁ ଲଢ଼ାଇ

ଦେଶରେ ସମଗ୍ର ବଜେଟକୁ କଂଗ୍ରେସ ଦଳ ନାମଞ୍ଜୁର କରିବେ ବୋଲି ସଂକଳ୍ପ କଲେଣି । ଲୁଣ ଟିକସ କମାଇ ଦେବାପାଇଁ କଂଗ୍ରେସଦଳ ଖୁବ୍ ଲଢ଼ିବେ ବୋଲି ଦଳର ବୈଠକରେ ସ୍ଥିର କରିଛନ୍ତି ।

କିରାଣୀ ସମ୍ମିଳନୀ ।

ବିହାର ଓଡ଼ିଶା କିରାଣୀ ବିଭାଗ ସରକାରୀ କର୍ମଚାରୀ ମାନଙ୍କର ଆସନ୍ତା ଇଷ୍ଟର ଛୁଟିରେ ମୋଜାଫରପୁରରେ ସମ୍ମିଳନୀ ବସିବ । ଓଡ଼ିଶାର କଟକ ଜିଲ୍ଲା କଲେକ୍ଟର ଅଫିସର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ରଘୁନାଥ ଗୁପ୍ତ ଭୋଟ ଦ୍ୱାରା ସଭାପତି ମନୋନୀତ ହୋଇଛନ୍ତି । ଏ ବର୍ଷ ବିହାର ଓଡ଼ିଶା ପୁଲିଶ ସମ୍ମିଳନୀରେ ଜଣେ ଓଡ଼ିଆ ଇନ୍ସପେକ୍ଟର ବାବୁ ସୁଦର୍ଶନ ମହାନ୍ତି ସଭାପତି ହୋଇଥିଲେ । କିରାଣୀ ସମ୍ମିଳନୀରେ ଆଉ ଜଣେ ଓଡ଼ିଆ ଶ୍ରୀଯୁକ୍ତ ରଘୁନାଥ ଗୁପ୍ତ ସଭାପତି ମନୋନୀତ ହୋଇଥିବା ସୁଖର କଥା ।

ବିହାରଓଡ଼ିଶା ଗେଜେଟ

ଡେପୁଟି ମେଜେଷ୍ଟ୍ରର ବାବୁ ଦୁର୍ଗାପ୍ରସାଦ ମିଶ୍ର ଙ୍କ ବଦଳ ହେଲେ ।

ଡେପୁଟି ମେଜେଷ୍ଟ୍ରର ବାବୁ କ୍ଷୀରୋଦଚନ୍ଦ୍ର ଗୁପ୍ତ ପୁରୀର ସବଡ଼ିଭିଜନ ଅଫିସର ନିଯୁକ୍ତ ହେଲେ ।

ସିଂହଭୂମ ଡେପୁଟି କମିଶନର ରଥର୍ ଫୋର୍ଡନେଲ୍ଡ ସାହେବ ସି, ଆଇ, ଇ, ଉପାଧି ପାଇଲେ ।

ବିହାର ଓଡ଼ିଶା ବ୍ୟବସ୍ଥା ସଭା ସଭାପତି ଖାଁ ବାହାଦୂର ଖ୍ୱାଜା ମହମ୍ମଦ ନୂର ଓ, ବି, ଇ, ଉପାଧି ପାଇଲେ ।

ପାଟନା ହାଇକୋର୍ଟର ପ୍ରଧାନ ବିଚାରପତି ଲର୍ଡ୍ କୋଟିସ ଟେରେଲ ନାଇଟ୍ ଉପାଧି ପାଇଲେ ।

ସବ ଜଜ୍ ବାବୁ ରାଧାକାନ୍ତ ଘୋଷ ରାୟ ସାହେବ, ଗୋପାଳଚନ୍ଦ୍ର ଗାଙ୍ଗୁଲି ରାୟ ବାହାଦୂର ହେଲେ ।

ଜାଜପୁର ସୁପରିଣ୍ଟେଣ୍ଡେଣ୍ଟ ମଉଲଭୀ ଅବଦୁଲ୍ ସତାର ଖାଁ ସାହେବ ଉପାଧି ପାଇଲେ । କଟକ ଲୁଣି ବିଭାଗ ମ୍ୟାନେଜର ନଗେନ୍ଦ୍ରନାଥ ଦେ ରାୟ ସାହେବ ଉପାଧି ପାଇଲେ ।

ସାଇମନ ସପ୍ତା

ନାଗପୁରରେ ବିରାଟ ଚହଲ

ସାଇମନ କମିଶନ ମାର୍ଚ୍ଚ ୧୪ ତାରିଖରେ ଔରଦା ବାଟେ ମଧ୍ୟ ପ୍ରଦେଶ ନାଗପୁରଠାକୁ ଆସିଥିଲେ । ସେ ଦିନ ପ୍ରାୟ ୧୦ ହଜାର ଲୋକ ଷ୍ଟେଶନଠାରୁ ସହରର ଗୃହଅଡ଼େ କଳା ପତାକା ଉଡ଼ାଇ କମିଶନ ବିରୁଦ୍ଧରେ ଘୋର ଆନ୍ଦୋଳନ କରିଥିଲେ । ଏଠାର ଡାକ୍ତର ଗଡ଼ର ସାଇମନଙ୍କ ଦଳକୁ ଜଣେ ମେମ୍ବର ହୋଇଛନ୍ତି । ଗଡ଼ରଙ୍କ ଘରେ ସାଇମନ ଓ ଗୋରଙ୍କୁ ଖାଇବାକୁ ଦେଉଥିଲେ । ଏଥିପାଇଁ ଘରେ ବ୍ୟାଣ୍ଡବାଜା ବାଜୁଥିଲା । ହଜାର ହଜାର ଲୋକ ଜମାହୋଇ ତାକୁ ଛିଗୁଲାଇ ବାଦ୍ୟ ଓ ଶଙ୍ଖ ବଜାଇଥିଲେ । 'ଦୂର ହୁଅ ସାଇମନ' ଦୂର ହୁଅ' ବୋଲି ପାଟି କରି ବକ୍ତୃତାମାନ କରୁଥିଲେ ।

ଆଇନ ପରୀକ୍ଷା ଫଳ

କଟକ କଲେଜରୁ ନିମ୍ନଲିଖିତ ଛାତ୍ରମାନେ ବି, ଏଲ, ପରୀକ୍ଷା ୨ୟ ଶ୍ରେଣୀରେ ପାସ କଲେ ।

ବୈଦ୍ୟନାଥ ମହାପାତ୍ର, ବୈଷ୍ଣବଚରଣ ସିଂହ ଦେଓ, ଗୋପବନ୍ଧୁ ମିଶ୍ର, ଜଟାଧର ରାୟ, ଯତୀନ୍ଦ୍ରକୁମାର ଘୋଷ, କମଳାକାନ୍ତ ମହାପାତ୍ର, କରଣକୁମାର ବାନର୍ଜି, କୃଷ୍ଣବିହାରୀ ନନ୍ଦୀ, ମନ୍ମଥନାଥ ଚୌଧୁରୀ, ସ୍ୱପ୍ନେଶ୍ୱର ପାଲ, ସୁରେଶଚନ୍ଦ୍ର ଦାସ ।

୨ୟ ଶ୍ରେଣୀରେ ପ୍ରଥମ ପରୀକ୍ଷାରେ ନିମ୍ନଲିଖିତ ଛାତ୍ରମାନେ ପାସ କଲେ—

ବୃନ୍ଦାବନ ଧଳ, ଗଦାଧର ଦାସ, ଲଳିତମୋହନ ଦାସ ।

ନିମ୍ନଲିଖିତ ଛାତ୍ରମାନେ ସପ୍ଲିମେଣ୍ଟାରୀ ପରୀକ୍ଷାରେ ଏଲମେଣ୍ଟାରୀ ଟ୍ରେନିଂ ପାସ କରିଛନ୍ତି ।

ଜଗତସିଂହପୁର ଅଭିମନ୍ୟୁ ମହାପାତ୍ର; ବାଲିଅ—କୁଳମଣି ତ୍ରିପାଠୀ, ଘାଗଲ ଛାତ୍ର – ଶ୍ରୀଚରଣ ନାୟକ, ଖୋରଧା—ଚନ୍ଦ୍ରମଣି ନାୟକ, ଘରେଇ ଛାତ୍ର-ଦ୍ୱାନିଖ ସେନାପତି, ସମ୍ବଲପୁର (ରଙ୍ଗେଲ)—ସୋମନାଥ ଦକ୍ଷିତ, ଗିରିଧାରୀପଣ୍ଡା, ବାହାର ଛାତ୍ର—ପୀତାମ୍ବର ବେହେରା ; ଡୋଲଗାଛ—ଅଭୟଚରଣ ଗୋସ୍ୱାମୀ, ଭଦ୍ରକ—ଅବଦୁଲ ମଜିଦ୍ ଖାଁ ।

ଖଦଡ଼କୁ ଡର କଣ ?

ଏ ଦେଶରେ ସରକାରର ସମ୍ମାର ଆଣିବାକୁ କିମ୍ବା ତାହା ସମ୍ଭବ ନହେଲେ ମୋଟ ଏକାବେଳକେ ଭାଙ୍ଗି ଦେବାକୁ ଅହିଂସା ମୂଳକ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଖଦଡ଼ ପ୍ରଚାର ଉଦ୍ୟମ ତାହା ସହିତ ସଂଶ୍ଳିଷ୍ଟ ଥିବାରୁ ସରକାର ଖଦଡ଼ପ୍ରତି ଅନାସ୍ଥା ଦେଖାଉଛନ୍ତି କିମ୍ବା ତାହାକୁ ବିଷ ଦୃଷ୍ଟିରେ ଦେଖୁଛନ୍ତି ବୋଲି କେହି କେହି ମନେ କରନ୍ତି । କିନ୍ତୁ ବାସ୍ତବରେ ସେପରି ମନେ କରିବାର କୌଣସି କାରଣ ନାହିଁ । ଏ ଦେଶର ସହଯୋଗୀମାନେ ଦେଶରେ ଖଦଡ଼ ପ୍ରଚାର କରିବାକୁ ଉଦ୍ୟମ କଲେ ମଧ୍ୟ ସରକାର ସେ ଉଦ୍ୟମରେ ବାଧା ନଦେଇ ରହିପାରିବେ ନାହିଁ । ଇଂରେଜ ଜାତି ବ୍ୟବସାୟୀ ବାଣିଜ୍ୟରେ ଚଳନ୍ତି । ବିଲାତରୁ ବର୍ଷକେ ପ୍ରାୟ ଷାଠିଏ କୋଟି ଟଙ୍କାର ଲୁଗା ଭାରତ କିଣେ । ଦେଶରେ ଖଦଡ଼ ବହୁଳ ଭାବରେ ପ୍ରଚାର ହେଲେ ଏ ଷାଠିଏ କୋଟି ଟଙ୍କାର ଲୁଗା ତ ଭାରତରେ ବିକି ହେବନାହିଁ ; ତା ଛଡ଼ା ଏ ଦେଶର ଲୁଗାକଳ ମଧ୍ୟ ବିଲାତରୁ କିଣାହୋଇ ଆସିବା କମିଯିବ । ଫଳରେ ବିଲାତର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇ ପଡ଼ିବ । ମଜୁରିଆମାନେ ମଜୁରି ନପାଇ ଭୋକ ଉପାସରେ ରହିବେ । ବିଲାତର ପଣ୍ୟ ଦ୍ରବ୍ୟ ଭାରତରେ ବିକି ହେଉ ନଥିଲେ କିମ୍ବା ତାହା ବିକି ହେବାର ବାଟ ବର୍ତ୍ତମାନ ବନ୍ଦ ହୋଇଗଲେ, ଇଂରେଜ ସରକାର ଏ ଦେଶଟାକୁ ଏଡ଼େ ଆଦରରେ ଗଣ୍ଠିଧନ କରି ରଖନ୍ତାନାହିଁ । ଇଂରେଜ ରାଜତ୍ୱ ଆରମ୍ଭରେ ଏ ଦେଶର ଲୁଗା ବ୍ୟବସାୟ ଧ୍ୱଂସ କରିବାକୁ ନାନା ହୀନ ଉପାୟ ଅବଲମ୍ବନ କରାଯାଇଥିଲା । ସହଯୋଗୀ, ଅସହଯୋଗୀ, ସରକାରୀ ଚାକିରିଆ, ସକଳ ଶ୍ରେଣୀର ଲୋକେ ଦେଶର ବ୍ୟବସାୟ ବୃଦ୍ଧି କରିବା ଓ ତାହାଦ୍ୱାରା ଆର୍ଥିକ ଅବସ୍ଥା ବଢ଼ାଇବା ଲାଗି ଚେଷ୍ଟା କରିବା ଉଚିତ । ସରକାରର ଚାକିରି କରିବା ବା ପ୍ରିୟ ହେବା ନିମନ୍ତେ କେହି ନିଜ ଦେଶର ବ୍ୟବସାୟ ବିରୁଦ୍ଧରେ ଯିବା ଆଦୌ ସଙ୍ଗତ ନୁହେ । ବେଗୁନିଆ ପୋଲିସ ବାବୁ ଲଡ଼୍ୟବାସୀ ନନ୍ଦଙ୍କ ପିଣ୍ଡି ଲାଗିଥିବା ବିଷୟ ସେ ଗତ ସଂଖ୍ୟା ସମାଜରେ ପ୍ରକାଶ କରିଥିଲେ । ତାଙ୍କର ସେଠାରେ ଖଦଡ଼ ପ୍ରଚାର ଉଦ୍ୟମରେ ପୋଲିସ କର୍ମଚାରୀଙ୍କର ଏତେ ଆତଙ୍କ ହେବା ଅସୁନ୍ଦର ବିଷୟ । ସେ କର୍ମଚାରୀ ଦେଶର ଅବସ୍ଥା ପ୍ରତି ଟିକିଏ ମନଧ୍ୟାନ ଦେଉଥିଲେ ଏପରି କରନ୍ତେ ନାହିଁ ।

ବଛାର ଘୋରବିପତ୍ତି

ଅଫଗାନ ଲଢ଼େଇର ଅନ୍ତିମ

ସେନାପତି ନାଦିର ଖାଁ ବର୍ତ୍ତମାନ ଅଫଗାନିସ୍ଥାନ ଦକ୍ଷିଣ ଅଞ୍ଚଳର ପୋଷ୍ଟ ଇଲାକାରେ ଅମାନୁଲ୍ଲାଙ୍କ ପକ୍ଷରେ ଲଢ଼ିବା କାରଣ ପ୍ରଚାର କରୁଛନ୍ତି । ସ୍ଥାନେସ୍ଥାନେ ମେଳିମାନ ହୋଇ ଏଥିପାଇଁ ଶତ୍ରୁର ଗୃହଛନ୍ତି । ଅଲ୍ଲ ଅହମଦ ଜାନ ନିକଟରେ ପେଶବାରରୁ କାନ୍ଦାହାର ଯାଉଛନ୍ତି । ତାଙ୍କ ବଡ଼ପୁଅ କାନ୍ଦାହାର ଗଲେଣି । ଗୋଲାମରସୁଲ ନାମକ ଜଣେ ଲୋକ କେତେକ ଲୋକଙ୍କୁ ମଡାଇ କାବୁଲଠାରେ ବଛା ବିରୁଦ୍ଧରେ ଘୋର ଯୁଦ୍ଧ ଆରମ୍ଭ କରିଛି । ଜଣାଯାଏ ଯେ ବଛା ଆହତ ହୋଇ ବର୍ତ୍ତମାନ ଧରାପଡ଼ିଛି । ଅନେକ ସମ୍ବାଦରେ ପ୍ରକାଶ ଯେ ଇଦ ପର୍ବ ପରେ କାନ୍ଦାହାରରୁ ଭୀଷଣ ଯୁଦ୍ଧର ଆୟୋଜନ ଦେଖି ବଛା କାବୁଲଠାରେ ଥରହର । ବଛାର ସୈନ୍ୟସଂଖ୍ୟା ବର୍ତ୍ତମାନ ମୋଟେ ୮ ହଜାର । ବଛା କାବୁଲଠାରୁ ୧୬ ମାଇଲ ଦୂରରେ ମଇଦାନ ନୋଲି ଗୋଟିଏ ଯାଗାରେ ଲଢ଼ିଇପାଇଁ ତିଆର ହେଉଛି । କାବୁଲ ସହରରେ ଭୀଷଣ ଗୋଳ ହେବାରୁ ବଛା ଆଦେଶ କରିଛି, ଯେ ଶ୍ୱେତକାଠର ଛାର କାଳକାଳରୁ ରେରଶିଲ୍ଲହାକଣ୍ଠା ବାଡ଼େଇଦିଆଯିବ ।

କାବୁଲରେ ଖାଇବା ଜିନିସ ଏତେ ମହଙ୍ଗା ଯେ କୁହା ନଯାଏ । ଦଅସିଲ ଗୋଟେ ପେଣ୍ଡାର ଦାମ ବର୍ତ୍ତମାନ ଦେଢଟଙ୍କା । ବଛା ରାଜତ୍ୱରେ ଲୋକମାନେ ବିରକ୍ତ ହେଲେଣି । ଅମାନୁଲ୍ଲଙ୍କର ବିରାଟ ସୈନ୍ୟଦଳ କାନ୍ଦାହାରଠାରୁ କାବୁଲ ଆଡ଼କୁ ଯାତ୍ରା କରୁଛନ୍ତି । ଭାରତରେ ପଞ୍ଜାବ ପ୍ରଦେଶରେ ଅମାନୁଲ୍ଲଙ୍କୁ ସାହାଯ୍ୟ କରିବା ପାଇଁ ଟଙ୍କା ସଂଗ୍ରହ କରାଯାଉଛି ।

ପୁଣି ଲୁଗାଯଜ୍ଞ

କଟକ କାଠଯୋଡ଼ି ବାଲିରେ ତା ୧୮ ରିଖ ସନ୍ଧ୍ୟାରେ ନିଖିଳ ଭାରତ କଂଗ୍ରେସର ନିର୍ଦ୍ଧାରିତ ଆଦେଶ ଅନୁସାରେ ବିଦେଶୀ ଲୁଗା ପୋଡ଼ିବା ପାଇଁ ସଭା ହୋଇଥିଲା । ଶ୍ରୀଯୁକ୍ତ ସାନକୃଷ୍ଣ ବୋଷ ସଭାପତି ହୋଇଥିଲେ । ତାଙ୍କ ଉଦ୍ୟମରେ ଏବଂ କଟକ କଲେଜ ଓ ସ୍କୁଲର କେତେକ ଛାତ୍ରଙ୍କ ଉଦ୍ୟମରେ ୧୨୧ ଖଣ୍ଡ ବିଦେଶ ଲୁଗା ସଂଗ୍ରହ କରି ପୋଡ଼ା ଯାଇଥିଲା । ଶ୍ରୀମାନ ନବକିଶୋର ଦାସ କଲେଜର ଛାତ୍ର ଶ୍ରୀମାନ ହରିହର ଖଦ ବିଷୟରେ ଭଲ ବକ୍ତୃତା ଦେଇଥିଲେ । କଟକ ଛାତ୍ର ମହଲରେ ବିଦେଶୀ ବର୍ଜ୍ଜନ ଓ ଖଦଡ଼ ବ୍ୟବହାର ବେଶ୍ ପ୍ରସରୁଛି ।

ଶୁକ୍ଳରୋଗର ଚିକିତ୍ସା

ଶୁକ୍ଳ ସମ୍ବନ୍ଧୀୟ ରୋଗ ଚିକିତ୍ସା କରିବା ନିମନ୍ତେ ବିହାରଓଡ଼ିଶା ସରକାର ଏ ବର୍ଷ କେତେଟଙ୍କା ବ୍ୟୟ କରିବେ ବୋଲି ସ୍ଥିର କରିଛନ୍ତି । ଏ ନୂଆ ବର୍ଷର ବଜେଟରେ ସେଥିପାଇଁ ପ୍ରାୟ ୨୦ ହଜାର ଟଙ୍କା ରଖିଛନ୍ତି । ସରକାର ଯେ ଏ ବର୍ଷ ସ୍ୱତନ୍ତ୍ର ଭାବରେ ଏ ଟଙ୍କା ବ୍ୟୟ କରିବାକୁ ସ୍ଥିର କରିଛନ୍ତି ତାହାଦ୍ୱାରା ଏ ରୋଗର ଚିକିତ୍ସା ବିଶେଷ ଭାବରେ ଦରକାର ବୋଲି ସ୍ୱୀକାର କରିଛନ୍ତି । ବାସ୍ତବରେ ସରକାର ଏ ବିଷୟ ସ୍ୱୀକାର କରି ନଥିଲେ ତାଙ୍କୁ ଅନ୍ଧ ବୋଲି କୁହାଯାନ୍ତା । ଦେଶରେ ଶୁକ୍ଳ ସମ୍ବନ୍ଧୀୟ ରୋଗର ମାତ୍ରା ବର୍ତ୍ତମାନ ଏତେ ବଢିଅଛି ଯେ ତାହା ଭାବିଲେ ଯେ କୌଣସି ହିତୈଷୀ ଲୋକର ମନରେ ଭାବନା ହେବା ସ୍ୱାଭାବିକ । ପ୍ରତ୍ୟେକ ଗ୍ରାମରେ ଏ ରୋଗ ପଶିଲାଣି । ଏ ଭଳି କି ନିତାନ୍ତ ପଲ୍ଲୀଗ୍ରାମ ମାନଙ୍କରେ ମଧ୍ୟ ଲୋକେ ଏ ରୋଗର କବଳରେ ପଡ଼ୁଛନ୍ତି । ବିହାରଓଡ଼ିଶା ପ୍ରଦେଶରେ ସାଢ଼େ ତିନକୋଟି ଲୋକ । ଏମାନଙ୍କ ମଧ୍ୟରୁ ଯେ ନିତାନ୍ତ ପକ୍ଷେ ସାଢ଼େ ତିନିଲକ୍ଷ ଲୋକଙ୍କର ଶୁକ୍ଳସମ୍ବନ୍ଧୀୟ ରୋଗ କୌଣସି ନା କୌଣସି ରୂପରେ ଅଛି ତାହା ଆଦୌ ଅସ୍ୱୀକାର କରିହେବ ନାହିଁ । ଏତେ ଲୋକଙ୍କ ପାଇଁ ୨୦ ହଜାର ଟଙ୍କା ସମୁଦ୍ରକୁ ଶଙ୍ଖେପଣି ମାତ୍ର । ଏ ଟଙ୍କାରେ କେତେ ଲୋକଙ୍କର ଚିକିତ୍ସା ହୋଇ ପାରିବ ତାହା ସହଜରେ ବୁଝିହେବ । ରୋଗର ଚିକିତ୍ସା କରିବାପାଇଁ ସରକାର କ୍ୟାମ୍ପର ବ୍ୟବସ୍ଥା କରି ଅବଶ୍ୟ କର୍ତ୍ତବ୍ୟ ଜ୍ଞାନ ଓ କଷ୍ଟର ହୃଦୟର ପରିଚୟ ଦେଇଛନ୍ତି; କିନ୍ତୁ ବୁଦ୍ଧିର ପରିଚୟ ଆଦୌ ଦେଇନାହାନ୍ତି । ରୋଗର କାରଣ ନିର୍ଦ୍ଦେଶ କରିବାକୁ ସରକାର ସ୍ଥିରକରିଥିଲେ ଲୋକଙ୍କର ପ୍ରକୃତ ମଙ୍ଗଳ କରିପାରନ୍ତେ । ଶୁକ୍ଳ ସମ୍ବନ୍ଧୀୟ ରୋଗ କେବଳ ସଙ୍ଗ ଦୋଷରେ ହୋଇଥାଏ । ଏ ରୋଗ ଆଗେ ଏତେ ପ୍ରବଳ ନ ଥିଲା । ବର୍ତ୍ତମାନ ଦିନକୁ ଦିନ, ବର୍ଷକୁ ବର୍ଷ କାହିଁକି ଯେ ଦ୍ରୁତ ଗତିରେ ବଢୁଅଛି ତାହାର କାରଣ ଠିକ୍ କରି ଉପଯୁକ୍ତ ପ୍ରତିକାର କଲେ ରୋଗର ପ୍ରଭାବ ବନ୍ଦ ହୋଇଯିବ । ସରକାର ଏ ଦଗରେ ଦୃଷ୍ଟି ନ ଦେଇ ଚିକିତ୍ସାର ବ୍ୟବସ୍ଥା କରି ବସିଲେ । ଏ ଦେଶର ବିଦେଶୀ ସରକାର ଲୋକହିତକର କାର୍ଯ୍ୟ ସମ୍ପର୍କରେ ବେଳେ ବେଳେ ନିଶୁଣୀର ଅଗଆଡ଼ୁ ଚଢ଼ିବାକୁ ବସନ୍ତି; ଏହା ତାହାର ଗୋଟିଏ ଦୃଷ୍ଟାନ୍ତ ।

ବ୍ରହ୍ମଦେଶରେ ମହାତ୍ମା

ଓଡ଼ିଆମାନଙ୍କ ଅଭ୍ୟର୍ଥନା

ମହାତ୍ମା ଗାନ୍ଧି ବ୍ରହ୍ମପ୍ରଦେଶର ମୌଲମିନ୍ ପ୍ରଭୃତି ଅଞ୍ଚଳ ବୁଲି ରେଙ୍ଗୁନ ଫେରିଛନ୍ତି । ଏଠାରେ ୧୧ ହଜାର ଟଙ୍କା ସଂଗ୍ରହ କରାଯାଇଛି । ମୌଲାନା ମହମ୍ମଦ ଅଲି ଯାଇ ତାଙ୍କ ସଙ୍ଗେ ମିଶିଛନ୍ତି । ପ୍ରାୟ ୭-୮ ବର୍ଷ ପରେ ହଠାତ୍ ଘଟଣା କ୍ରମେ ଗାନ୍ଧି ଏବଂ ମୌଲାନାଙ୍କ ଦେଖା ସାକ୍ଷାତ ହୋଇଛି । ମହମ୍ମଦ ଅଲି ଏଣିକି ଗାନ୍ଧିଙ୍କ ସଙ୍ଗେ କାମ କରିବେ ବୋଲି କହୁଛନ୍ତି ।

ବର୍ମାର ଓଡ଼ିଆମାନେ ୯ ତାରିଖ ଦିନ ରେଡଅର ହଲଠାରେ ମହାତ୍ମାଙ୍କ ବିରାଟ ଅଭ୍ୟର୍ଥନା କରିଥିଲେ । ୧୫୦ ଟଙ୍କାର ଗୋଟିଏ ଥଳି ମହାତ୍ମାଜୀଙ୍କୁ ଦିଆଗଲା । ଓଡ଼ିଶାରେ ମହାତ୍ମାଗାନ୍ଧି କପରି ଲୋକ ହିତକର କାର୍ଯ୍ୟ ଆରମ୍ଭ କରିଛନ୍ତି, ତାଙ୍କର ଯୋଗୁ ଉତ୍କଳରେ କପରି ଜାତୀୟ ଭାବ ଜାଗି ଉଠିଛି, ଶାନ୍ତି ପୂର୍ଣ୍ଣ ଅସହଯୋଗ ଓଡ଼ିଶାରେ କପରି ସ୍ଥାନ ପାଇଛି, ଲକ୍ଷାଧିକ ଅଭାବଗ୍ରସ୍ତ ଓଡ଼ିଆ କପରି ରେଙ୍ଗୁନକୁ ପଳାଇ ଆସିଛନ୍ତି, ଏ ଦେଶର କୃଷି ବାଣିଜ୍ୟରେ ସେ କପରି ସାହାଯ୍ୟ କରୁଛନ୍ତି ଅଥଚ ସେମାନଙ୍କର ଦୁରବସ୍ଥା କପରି ତାହା ସବୁ ଅଭିନନ୍ଦନ ପତ୍ରରେ ଓଡ଼ିଆମାନେ ଲେଖିଥିଲେ । ମହାତ୍ମା ହିନ୍ଦି ଭାଷାରେ ଓଡ଼ିଶାର ଦୁରବସ୍ଥା କଥା ସ୍ୱୀକାର କରି ଲୋକଙ୍କୁ ସାନ୍ତ୍ୱନା ଓ ଆଶ୍ୱାସନା ଦେଇଥିଲେ ।

ମରିଚପୁର ଦୁରବସ୍ଥା ।

ମରିଚ ପୁରରେ କେତେଗୁଡ଼ିଏ ସହଯୋଗ ସମିତି ଥିବାରୁ ମୁଁ କେନ୍ଦ୍ର ସମିତିର ସମ୍ପାଦକ ଭାବେ ମରିଚପୁର ଯାଇଥିଲି । ଦେଖିଲି ମରିଚପୁର ଗୃହପାଖେ ନଦୀ । ତାହା ଗୋଟିଏ ଦ୍ୱୀପ କହିଲେ ଚଳେ । ଦେଶୀ ନଦୀର ଏଠାକାର ମୂର୍ତ୍ତି ଦେଖିଲେ ଲୋକ ଚାଳ ପଡ଼ିବ । କେଉଁଠାରେ ଦୁଇମାଇଲ ଓ କେଉଁଠାରେ ତିନି ମାଇଲ ପାର ହେବାକୁ ହେବ । ଟିକିଏ ଅସାବଧାନ ହେଲେ ସଙ୍ଗେ ସଙ୍ଗେ କୁମ୍ଭୀର ଯୋଷାଡ଼ି ନେବ । କିନ୍ତୁ ଲୋକେ ସେଠାରେ ନିଃଶଙ୍କରେ ଚଳ ବଚଳ ହେଉଛନ୍ତି । ମରିଚ ପୁର ୪୪ ମୌଜା । ଏଥିରେ ପ୍ରାୟ ବାର ହଜାର ଲୋକ ବାସ କରନ୍ତି । ଏ ଲୋକମାନେ ନିରୀହ ଓ ସରଳ । ଏମାନଙ୍କୁ ଜାଲ ଓ ଜୁଆଚୋରି ସେତେ ଗ୍ରାସ କରିନାହିଁ । ଏମାନଙ୍କ ମଧ୍ୟରେ ଉଚ୍ଚ ଶିକ୍ଷିତ କେହି ନାହାନ୍ତି । କେତେଜଣ ମାଇନର ଓ ଭର୍ଣ୍ଣାକୁଲାର ପାସ କରିଥିବା ଲୋକ ଅଛନ୍ତି । ଏମାନଙ୍କ ପ୍ରତି କାହାର ଦୃଷ୍ଟି ପଡ଼ୁନାହିଁ । ଲୋକାଲବୋର୍ଡ଼ର କେହି ହାକିମଙ୍କ ପାଦ ଏପର୍ଯ୍ୟନ୍ତ ଏଠାରେ ପଡ଼ିନାହିଁ । ଆଉ ଏ ଥାନାର ଲୋକାଲ ବୋର୍ଡ଼ର ମେମ୍ବର ଏଠାକୁ କେବେ ଆସିବାର କେହି ଦେଖି ନାହାନ୍ତି । ଲୋକାଲ ବୋର୍ଡ଼ର ଦୁଇଟି ସ୍କୁଲ ବ୍ୟତୀତ ଏଠାରେ ଆଉ କିଛି ନାହିଁ । ନୂଆପୋଖରି, ଓ ରାସ୍ତା ଏପର୍ଯ୍ୟନ୍ତ ଏଠାରେ ହୋଇନାହିଁ । କନ୍ଧମାଳ ପ୍ରକୃତ ଅଞ୍ଚଳର ମୁଲକରେ ସରକାରଙ୍କ ଆଖି ପଡ଼ୁଛି, କିନ୍ତୁ ଏଠାରେ ସରକାର ଏକବାରକେ ନୀରବ । ଜିଲ୍ଲା ହାକିମ ଏଠାକୁ କେବେ ଯିବାର ଶୁଣାନାହିଁ । ଅନେକ ମୌଜାରେ ଲୁଣା ମାଡ଼ଯାଇ ଲୋକମାନେ ବ୍ୟତିବ୍ୟସ୍ତ ହୋଇ ଗଲେଣି । ଏଣେ ଜ୍ୱର ରୋଗରେ ପଡ଼ି ଲୋକେ ଘରକୋଣେ ସଢୁଛନ୍ତି । ରୋଗ ସମୟରେ ଔଷଧ ନେବାକୁ କୌଣସି ବ୍ୟବସ୍ଥା ନାହିଁ । ଅଜକାଲି ମରିଚପୁର ବନ୍ଦୋବସ୍ତ ଲାଗିଛି । ଜମିଦାରମାନେ ଏକର ପ୍ରତି ବାରଟଙ୍କା କବୁଲିୟତ ଫିସ ନେବାକୁ ଦାବି କରୁଛନ୍ତି । ଲୋକେ ତାହା ମରି ମରି ଦେଉଛନ୍ତି । ଅଲ ରାଜାଙ୍କର ଗୋଟାଏ ହ୍ୟାଣ୍ଡନୋଟ ପ୍ରଥା ଚାଲିଛି । ଯେ ଟଙ୍କା ନ ଦେଇ ପାରୁଛି ତାଠାରୁ ହ୍ୟାଣ୍ଡନୋଟ୍ ନିଆ ଯାଉଛି । ସହଯୋଗ ସମିତିର ଅନେକ ମେମ୍ବର ଏପରି ହ୍ୟାଣ୍ଡନୋଟ୍ ଦେଇଛନ୍ତି । ସେଥିରେ କଣ ଲେଖାଗଲା ତାହା ଲୋକେ ଜାଣି ପାରୁ ନାହାନ୍ତି । ହାଣ୍ଡନୋଟ ଉପରେ ହାଣ୍ଡନୋଟ ଚାଲିଛି । ସବୁ କାମ ଲୋକଙ୍କୁ ବୁଝାଇ ସୁଝାଇ କରିବା ଉଚିତ । ଯଦି କବୁଲିୟତ ଫିସ ଟ ୧୨୯ ନେବାର ଥିଲା ସବୁ ଜମିଦାର ଓ ସବୁ ପ୍ରଜା ବସି ଗୋଟିଏ କଥା ନିଷ୍ପତ୍ତି କରିଥିଲେ କାହାର ଆପତ୍ତି ନ ଥାନ୍ତା । କିନ୍ତୁ ଜମିଦାର ବସି ମନକୁ ମନ ଗୋଟିଏ କଥା କରିଦେବା ଆଜିକାଲି ଯୁଗରେ ଶୋଭନୀୟ ନୁହେ । ମରିଚପୁର ପ୍ରଜା ନିରୀହ ଓ ସରଳ ବୋଲି ସେମାନଙ୍କ ଉପରେ ଯେଚ୍ଛା ତା ଦାବୀ କରିବା ଉଚିତ ନୁହେ । ବନ୍ଦୋବସ୍ତରେ ମରିଚପୁରକୁ ଆଜିକାଲି ଜଣେ ବିହାରୀ ହାକିମ ଆସିଛନ୍ତି । ସେ ଓଡ଼ିଆ କଥା କିଛି ବୁଝି ପାରୁ ନାହାନ୍ତି । ଲୋକମାନଙ୍କର ଆପତ୍ତି ଅଭିଯୋଗ ବିଷୟରେ ଭଲ ବିଚାର ହୋଇ ପାରୁନାହିଁ । ଏପରି ସ୍ଥଳେ ସେମାନଙ୍କ ପାଇଁ ବନ୍ଦୋବସ୍ତରେ ଜଣେ ଓଡ଼ିଆ ହାକିମ ସେଠାକୁ ଯିବା ଉଚିତ । ଆଶା କରାଯାଏ କର୍ତ୍ତୃପକ୍ଷ ଏହାର ସୁବିଚାର କରିବେ ।

୧୮।୩।୨୯ ଗଙ୍ଗାଧର ମହାନ୍ତି । ଜମାପଡ଼ା

ଦେବୋତ୍ତର ଆଇନ

ମୁଁ ହିନ୍ଦୁ ଦେବୋତ୍ତର ଆଇନ କାଉନ୍‌ସିଲରୁ କାହିଁକି ଉଠାଇ ନେଲି ସେ ବିଷୟରେ କେତେକ ଆଲୋଚନା "ସମାଜ"ର ଗତ ଦୁଇ ସଂଖ୍ୟାରେ ବିଶେଷ ଓ ପ୍ରାଞ୍ଜଳ ଭାବରେ ପ୍ରକାଶିତ ହୋଇଅଛି । ତାହା ପଢ଼ିଥିବା ଲୋକେ ମୁଁ ଆଇନ ଉଠାଇ ନେବାର ସଠିକ କାରଣ ବୁଝି ପାରିଥିବେ । ମୁଁ ଶୁଣୁଛି ଯେ କେତେକ ଲୋକ ତାହା ବୁଝି ନପାରି ନାନା ସନ୍ଦେହରେ ପଡ଼ିଛନ୍ତି; ଏମାନେ ଯେ ସମସ୍ତେ ଅଶିକ୍ଷିତ ଲୋକ ତାହା ମୁଁ କହି ନପାରେ । କାଲି ପୁରୀର ଜଣେ ଉକିଲ ମୋ ଆଗରେ ତାଙ୍କର ସନ୍ଦେହ ପ୍ରକାଶ କରୁଥିଲେ । ମୁଁ କାରଣ ବୁଝାଇବାରୁ ସେ ବୁଝି ସନ୍ତୁଷ୍ଟ ହେଲେ ଏବଂ କହିଲେ ଯେ ମୁଁ ଜିଦ୍ ଧରି ଆଇନଟି ଉଠାଇ ନଥିଲେ ତାହାର ଫଳ ଭଲ ହୋଇନଥାନ୍ତା । ସେ ସମାଜରେ ଓ ଅନ୍ୟାନ୍ୟ ଖବର କାଗଜମାନଙ୍କରେ ପ୍ରକାଶ ପାଇଥିବା କାରଣ ଓ ଆଲୋଚନା ପଢ଼ି ନ ଥିବାର ଜଣାଗଲା । ସେ ବ୍ୟକ୍ତିଗତ ଭାବରେ ମୋତେ ପଚାରି ତାଙ୍କର ସଂଶୟ ମୋଚନ କରିବେ ବୋଲି ଭାବିଥିଲେ । ମୋଠାରେ ଯେ ତାଙ୍କର ଏତେ ବିଶ୍ୱାସ ଅଛି ସେଥିପାଇଁ ମୁଁ ତାଙ୍କୁ ଧନ୍ୟବାଦ ଦେଉଅଛି । ମାତ୍ର ଖବର କାଗଜରେ ପ୍ରକାଶ ପାଇଥିବା ବିଷୟ ଓ ମୋର ବ୍ୟକ୍ତିଗତ କୈଫିୟତ ନପଢ଼ି ମୋଠାରୁ ମୌଖିକ କୈଫିୟତ ପାଇଲା ପର୍ଯ୍ୟନ୍ତ ତାଙ୍କର ସଂଶୟରେ ରହିବା ପ୍ରବୃତ୍ତିକୁ ପସନ୍ଦ କରି ପାରୁନାହିଁ । ବ୍ୟକ୍ତିଗତ ଭାବରେ ପ୍ରତ୍ୟେକ ସଂଶୟୀ ବ୍ୟକ୍ତିଙ୍କୁ ମୁଁ ମୌଖିକ ବା ଅନ୍ୟ କୌଣସି ପ୍ରକାର କୈଫିୟତ ଦେବା ସମ୍ଭବପର ନୁହେ । ସେଥିପାଇଁ ଏ ବିଷୟରେ ଜାଣିବାକୁ ଇଚ୍ଛୁକ ଲୋକେ ଖବର କାଗଜ ପଢ଼ିବା ଦରକାର । ତାହା ନହେଲେ ସେମାନଙ୍କୁ ବହୁ କାଳ ସଂଶୟରେ ରହିବାକୁ ହେବ । ଆଉ କେତେକ ଲୋକ ଅଛନ୍ତି ଯେଉଁମାନେ କି କୌଣସି ପ୍ରକାର କୈଫିୟତ ଶୁଣିବାକୁ ନାରାଜ । ଏ ଶ୍ରେଣୀର ଲୋକଙ୍କ ମଧ୍ୟରେ କେତେକ ଶିକ୍ଷିତ ବ୍ୟକ୍ତି ଥିବା ଦୁଃଖର ବିଷୟ । ମୁଁ ଆଇନ ଉଠାଇ ନେଲି । ମୁଁ ବୁଝୁଛି ଯେ ସରକାର କମିଟି ବସାଇ ଯେ ନୂଆ ଆଇନ କରାଇବେ ତାହା ଦେବୋତ୍ତର ସମ୍ପତ୍ତି ସମ୍ପର୍କରେ ଲୋକ ସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରେ, ମୋ ଆଇନଠାରୁ ନିକୃଷ୍ଟ ହେବ । ମୁଁ ଯଦି ବୁଝିଥାନ୍ତି ଯେ କାଉନ୍‌ସିଲରେ ମୁଁ ଆଇନଟି ମଞ୍ଜୁର କରାଇ ନେଇ ପାରିବି ତାହାହେଲେ ମୁଁ ତାହା ଉଠାଇ ନେଇ ନଥାନ୍ତି । ମୁଁ ଆଇନ ଆରମ୍ଭ କଲାବେଳେ ବୁଝିଥିଲି ଯେ କାଉନ୍‌ସିଲ ମୋ ଆଇନ ଭୋଟ ଦ୍ୱାରା ମଞ୍ଜୁର କରିବ । ଅନେକେ ସପକ୍ଷରେ ଭୋଟ ଦେବେବୋଲି ଆଗ୍ରହରେ ହଁ ଭରିଥିଲେ । ଜଣେ ଓଡ଼ିଶାର ସଦସ୍ୟ ଆଇନର ପାଣ୍ଡୁଲିପି ବିଚାର କରି କହିଥିଲେ ଯେ ଆଇନଟି ବଡ଼ ନରମ ହୋଇଗଲା, ତାହା ଦ୍ୱାରା ମହନ୍ତମାନେ ଜବଦ ହେବେନାହିଁ । ସେଥିପାଇଁ ଆଇନ ଅଧିକ କଡ଼ା ହେବା ତାଙ୍କର ଇଚ୍ଛା ଥିଲା । ଏ ମତ ସେ ଜଣେ ଡାକ୍ତର ଓ ଜଣେ ଓକିଲ ଭାଲ୍ଲଗଟିଟି ଆଇଙ୍କ ଆଗେ ମୋ ପକ୍ଷରେ ବେଲଗା ଭାବରେ ପ୍ରକାଶ କରିଥିଲେ । ମାତ୍ର ପରେ ସେ ଆଇନଟା ବଡ଼ କଡ଼ା ହୋଇଛି ଏବଂ କାଉନ୍‌ସିଲ ତାହା ମଞ୍ଜୁର କରିବା ଉଚିତ ନୁହେ ବୋଲି ମତ ଦେଲେ । କାଉନ୍‌ସିଲ କେତେ ସଦସ୍ୟଙ୍କ ଠାରୁ ମୁଁ ଏ ପ୍ରକାର ବ୍ୟବହାର ପାଇଅଛି । ମୁଁ ଆଇନଟି ଉଠାଇ ନେଇ ନଥିଲେ ସରକାର ଓ ମହନ୍ତମାନଙ୍କ 'ପକ୍ଷବାସୀ' ସଦସ୍ୟମାନଙ୍କ ଭୋଟରେ ତାହା ନଷ୍ଟ ହୋଇଥାନ୍ତା । ଫଳରେ ଦେବୋତ୍ତର ସମ୍ପତ୍ତି ସମ୍ପର୍କୀୟ ଆଇନର ବିଚାର ଚିରକାଳରେ ଲୋପ ପାଇଥାନ୍ତା । ବର୍ତ୍ତମାନ ମୁଁ ଆଇନ ଉଠାଇ ନେବା ଦ୍ୱାରା ସେ ଦୁର୍ଯୋଗରୁ ରକ୍ଷା ମିଳିଛି । ସରକାର ଏ ବିଷୟରେ ଆଇନର ଆବଶ୍ୟକତା ସ୍ୱୀକାର କରିଛନ୍ତି । ସେ ନିଜେ କମିଟି ବସାଇ ମଠ ଓ ମନ୍ଦିରମାନଙ୍କ ଅବସ୍ଥା ବିଷୟରେ ତଦନ୍ତ କରାଇବେ । ଏ ତଦନ୍ତର ଫଳରେ ଯେ ଆଇନ ପ୍ରସ୍ତାବ କରାଯିବ ସରକାର ତାକୁ ସମର୍ଥନ କରିବେ । ଅବଶ୍ୟ ସରକାରଙ୍କ ସମର୍ଥନ ପାଇ ଯେ ଆଇନ ତିଆର ହେବ ତାହା ମୋ ଆଇନର ସମକକ୍ଷ ହେବନାହିଁ । ମାତ୍ର ଉପାୟ କଣ ଅଛି ? ଦେଶର ଲୋକେ ଯେତେଦିନ ପର୍ଯ୍ୟନ୍ତ ଭୋଟ ଦେଇ ଉପଯୁକ୍ତ ପ୍ରତିନିଧି ବାଛି ଲାଟ ସଭାକୁ ପଠାଇ ପାରିନାହାନ୍ତି, ସେତେଦିନ ପର୍ଯ୍ୟନ୍ତ ଆମମାନଙ୍କୁ ଅରଣ୍ୟ ରୋଦନ କରିବାକୁ ହେବ । ଏ ଦେଶର ଭୋଟରମାନେ ନିଜର ପ୍ରକୃତ ରାଜନୈତିକ ସ୍ୱାର୍ଥ ବୁଝୁନାହାନ୍ତି । ଆପାତ ଲାଭରେ ଭୁଲି ଅନେକ ସମୟରେ ଏପରି ଲୋକଙ୍କୁ ଭୋଟ ଦେଉଛନ୍ତି ଯାହାଙ୍କ କଥା ଓ କାର୍ଯ୍ୟ ଦ୍ୱାରା ସେମାନଙ୍କର ରାଜନୈତିକ ସ୍ୱାର୍ଥରେ ବାଧା ଘଟୁଛି । ଭଗବାନ ଭୋଟରମାନଙ୍କୁ ସୁବୁଦ୍ଧି ନଦେଲେ, ଏ ଦୁର୍ଗତି ଦୂର ହେବା ଅସମ୍ଭବ ।

ଗୋଦାବରୀଶ ମିଶ୍ର

୧୮-୩-୨୯